# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ରାଜସ୍ୱ ବିବିଧ ମାମଲା ନଂ.- ୪୩/୨୦୨୪

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ ଦକ୍ଷତା ବିକାଶ ତଥା ଜିଲ୍ଲା ନିଯୋଜନ ଅଧିକାରୀ, କେନ୍ଦୁଝର, ଦକ୍ଷତା ବିକାଶ କେନ୍ଦ୍ର ନିମନ୍ତେ ଛାତ୍ରାବାସ ଏବଂ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଆବେଦନ କରିଛନ୍ତି । ଉକ୍ତ ସରକାରୀ ଜମି ରକ୍ଷିତ ଖାତାରେ ଥାଇ କିସମ ବଗାୟତ-୨ ଅଛି । ଏଣୁ ଆବେଦନ କରିଥିବା ଜମିର ସରକାରୀ ଉଦ୍ଦେଶ୍ୟରେ ସୁବିନିଯୋଗ ନିମନ୍ତେ ନିମ୍ନ ପ୍ରଦତ୍ତ ପ୍ରସ୍ତାବ ଅନୁଯାୟୀ ଏହାର ଖାତା ଓ କିସମ ର ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇପଡିଛି । ଉକ୍ତ ସରକାରୀ ଜମିକୁ ସେହି ଉଦ୍ଦେଶ୍ୟରେ ପରିବର୍ତ୍ତନ କରାଗଲେ, ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ ଗ୍ରାମବାସୀ/ସଂପୃକ୍ତ ଗ୍ରାମ ପଞ୍ଚାୟତର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ.୨୦.୦୦ଙ୍କା (କୋଡିଏ ଟଙ୍କା)ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ ।

## ତଫସିଲ

### ମୌଜା- ବୋଦାପଳସା

| ହାଲ ମୁତାବକ | | | | ପ୍ରସ୍ତାବିତ ଅନୁଯାୟୀ | | | |
|---|---|---|---|---|---|---|---|
| ଖାତା ନଂ | ପ୍ଲଟ ନଂ | କିସମଙ୍ଗ | ମୋଟ ରକବା (ଏକରରେ) | ଖାତା ନଂ | ପ୍ଲଟ ନଂ | କିସମ | ପ୍ରସ୍ତାବିତ ରକବା (ଏକରରେ) |
| ୨୫୨ (ରକ୍ଷିତ) | ୭୯୭ | ବଗାୟତ- ୨ | ୨୩.୫୬୦ | ୨୫୪ (ଆ.ଯୋ.ଅ) | ୭୯୭/୧ | ପତିତ | ୨.୦୦ |
| | | | | | | ମୋଟ୍ | ୨.୦୦ |

ତହସିଲଦାର, କେନ୍ଦୁଝର
TAHASILDAR
KEONJHAR

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଜନ୍ତ୍ର ଦ୍ୱାରା ପ୍ରଚାର/ପ୍ରସାର ପାଇଁ ପ୍ରେରିତ କରାଗଲା / ଅନ୍ୟ ଏକକିତା ନକଲ District Website: https://kendujhar.odisha.gov.in ପ୍ରକାଶନ ପାଇଁ / ଅନ୍ୟ ଏକକିତା ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଏବଂ ଅନ୍ୟ ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା ।

ତହସିଲଦାର, କେନ୍ଦୁଝର
TAHASILDAR
KEONJHAR

Scanned with OKEN Scanner